## ଗଛରେ ପିଟିହେଲା ବାଇକ, ୨ ଗୁରୁତର

ଦାରିଙ୍ଗବାଡ଼ି,(ଅରୁଣ ସାହୁ ): ଦାରିଙ୍ଗବାଡ଼ି ଥାନା ସିମନବାଡ଼ିର ୫୯ ନଂ.ଜାତୀୟ ରାଜପଥର ବୁଲାଣିରେ ଏକ ଗଛକୁ ବାଇକ ଧକ୍କା ଦେଇ ୨ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ହେଲେ କିରିକୁଟି ପଞ୍ଚାୟତ ଆଦିବାସୀ ଗ୍ରାର ଟାଏସନ ପ୍ରଧାନ (୨୭) ଓ ତଜରବାଡ଼ି ଗ୍ରାମର କିଲିଆନ ପ୍ରଧାନ (୧୯)। ସେମାନଙ୍କୁ ସ୍ଥାନୀୟ ଲୋକ ଓ ପୋଲିସ ସହାୟତରେ ଉଦ୍ଧାର କରି ଦାରିଙ୍ଗବାଡ଼ି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ଦୁହିଁଙ୍କୁ ଅନ୍ୟତ୍ର ଚିକିତ୍ସା ପାଇଁ ଯିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି।

**ସଂକ୍ଷେପରେ**

## ଜଙ୍ଗଲ ସୁରକ୍ଷା ନେଇ ସଚେତନତା

ମୋହନା, ୧।୩(ମନ୍ମଥ ମିଶ୍ର)

ମୋହନା ବନାଞ୍ଚଳର ବିରିକୋଟଠାରେ ନଳାଘାଟ ସେକ୍ସନ ତରଫରୁ ଜଙ୍ଗଲ ନିଆଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଗକୁ ଗ୍ରୀଷ୍ମ ଋତୁରେ ଲୋକେ ଜଙ୍ଗଲରେ ପୋଡୁ ଚାଷ ନାଁରେ ନିଆଁ ଲଗାଇବା, ମହୁଲ ଫୁଲ ଗୋଟାଇବା ପାଇଁ ନିଆଁ ଲଗାଇବା, ଅବାଧରେ ଗଛ କାଟି ଜଙ୍ଗଲରେ ନିଆଁ ଲଗାଇ ଦେଇଥାନ୍ତି। ଏପରି ନ କରିବା ପାଇଁ ବିଭାଗ ପକ୍ଷରୁ ଲୋକଙ୍କୁ ଅବଗତ କରାଇ ଯଦି କେହି ନିଆଁ ଲଗାନ୍ତି ତା ହେଲେ ବନ ବିଭାଗକୁ ସୂଚନା ଦେବାକୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ବନପାଳଙ୍କ ସହ ବନ ସୁରକ୍ଷା କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଜାତୀୟ ବିଜ୍ଞାନ ଦିବସ ଅବସରରେ ପ୍ରଦର୍ଶନୀ

ପାରଳାଖେମୁଣ୍ଡି, ୧।୩(ଗିରିଧାରୀ ପରିଛା)

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଯାଜପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ବିଦ୍ୟାଳୟ ପରିସରରେ ଏକ ବିଜ୍ଞାନ ମେଳା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ବିନୋଦ ଚନ୍ଦ୍ର ଜେନା ଯୋଗଦେଇ ବରିଷ୍ଠ ବୈଜ୍ଞାନିକ ସି.ଭି ରମନଙ୍କ ବିଜ୍ଞାନ କ୍ଷେତ୍ରରେ ଅତୁଳନୀୟ ଅବଦାନ ଉପରେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଜ୍ଞାନ ନିରୀକ୍ଷକ ସାମ୍ବିତ ପଟ୍ଟନାୟକ ଯୋଗ ଦେଇ ସି.ଭି ରମନଙ୍କ ଜିବନୀ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲାର ୪୨ ସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇ ପ୍ରଦର୍ଶିତ ବିଜ୍ଞାନମେଳାକୁ ବୁଲି ଦେଖିଥିଲେ। ଏଥିରେ ୬୫ ପ୍ରକାର ବୈଜ୍ଞାନିକ ଉପକରଣ ପ୍ରଦର୍ଶିତ ହୋଇଥିଲା। ଜିଲା ବିଜ୍ଞାନ ନିରୀକ୍ଷକ ଏ. ରବିକୁମାରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ମୋହନ ନାୟକ ସଭାପତିତ୍ୱ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ବିଜ୍ଞାନଭିତ୍ତିକ ପ୍ରତିଯୋଗିତାରେ ଅଶଂଗ୍ରହଣ କରି କୃତିତ୍ୱ ଲାଭ କରିଥିବା ୧୨ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଟି. ପାବନୀ, ସରିତା ସାମଲ, ଗିତାଞ୍ଜଳି ପଟ୍ଟନାୟକ ଓ ଗୌଡ ଗୌରୀ ସହାୟତା କରିଥିଲେ। ଶିକ୍ଷୟିତ୍ରୀ ବବିତା ପୁରୋହିତ ଧନ୍ୟବାଦ ଦେଇଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଦିଗପହଣ୍ଡି, ୧।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜ ପରିସରରେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ନିମନ୍ତେ ଅନୁଷ୍ଠିତ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ଅଞ୍ଜଳି ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଯାପନି ଉତ୍ସବରେ କଲେଜ ଅଧକ୍ଷ ଡ.ଅସୀତ କୁମାର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିବା ବେଳେ ଖେମୁଣ୍ଡି ଓକିଲ ସଂଘ ସଭାପତି ହରପ୍ରସାଦ ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ଯୁକ୍ତ ୨ କାର୍ଯ୍ୟକ୍ରମ ସଂଯୋଜିକା ତଥା ଅଧ୍ୟାପିକା ଡ.ନିର୍ମଳା ମହାନ୍ତି, ଅଧ୍ୟାପିକା ପ୍ରିୟଙ୍କା ପାତ୍ର, ଡ.ରଞ୍ଜିତା ପାତ୍ର, ବରିଷ୍ଠ ଅଧ୍ୟାପକ ଡ. ହର୍ଷ ଚନ୍ଦ୍ର ରଥ, ଅଧ୍ୟାପକ ମାନସ ସାହୁ, ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷିକା ଉଷାରାଣୀ ଦୋରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

### ଗ୍ରୀଷ୍ମ ପ୍ରବାହ ସୁପରିଚାଳନା ନେଇ ପ୍ରସ୍ତୁତି ବୈଠକ

# ସତର୍କ ସଜାଗ ରହିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ



ବୈଠକରେ ଜିଲାପାଳ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ପାରଳାଖେମୁଣ୍ଡି, ୧।୩(ଗିରିଧାରୀ ପରିଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ସୁପରିଚାଳନା ନେଇ ଏକ ପ୍ରସ୍ତୁତି ବୈଠକ ଶନିବାର ଜିଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଚଳିତ ଗ୍ରୀଷ୍ମ ପ୍ରବାହରେ ସତର୍କ ରହିବା ଓ ମାର୍ଚ୍ଚ, ଏପ୍ରିଲ ଏବଂ ମେ ମାସରେ ଗ୍ରୀଷ୍ମ ପ୍ରବାହ ହେତୁ ଅଂଶୁଘାତ ନିୟନ୍ତ୍ରଣ ଲାଗି କିପରି କିପରି ପ୍ରସ୍ତୁତି ହେବା ଆବଶ୍ୟକ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଗ୍ରୀଷ୍ମ ପ୍ରବାହର ସୁପରିପରିଚାଳନା କରିବା, ଏଥିପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନେ ସତର୍କ ଓ ସଜାଗ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଚଳିତ ବର୍ଷର ପ୍ରଥମାର୍ଦ୍ଧରୁ ହିଁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜିଲାରେ ଆରମ୍ଭ ହୋଇଛି। ଆଗକୁ ଏହା ଆହୁରି ତୀବ୍ର ହୋଇପାରେ। ଗ୍ରୀଷ୍ମ ପ୍ରବାହ ଯୋଗୁ ବିଭିନ୍ନ ସମୟରେ ଅଂଶୁଘାତ ହୋଇ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ ବିଭାଗକୁ ସଜାଗ ରହିବାକୁ କୁହାଯାଇ ଓଆରଏସ ପ୍ୟାକେଟ ଓ ଆବଶ୍ୟକ ଔଷଧ ମହଜୁଦ ରଖିବା ଲାଗି କୁହାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ ଖୋଲାଯିବା ଏବଂ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ସମସ୍ତ ଗ୍ରାମାଞ୍ଚଳ,ପାରଳାଖେମୁଣ୍ଡି ପୌର ପରିଷଦ, କାଶୀନଗର ଏନଏସି ଓ ସମସ୍ତ ବ୍ଲକ ପକ୍ଷରୁ ବିଭିନ୍ନ ଛକ ଜାଗାରେ ଜଳଛତ୍ର ଖୋଲିବା, ଖରାପ ଥିବା ନଳକୂଅକୁ ତୁରନ୍ତ ମରାମତି କରିବା, ମଧ୍ୟାହ୍ନ ସମୟରେ ବାହାରେ ବୁଲିବା ସମୟରେ ପାଣି ବୋତଲ, ଛତା, ଟୋପି ତଥା ଓଦା କପଡା ମୁଣ୍ଡରେ ପକାଇ ଯାତାୟାତ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରିବାକୁ ଆଲୋଚନା ହୋଇଥିଲା। ବିଶେଷ କରି ପାନୀୟଜଳ ସମସ୍ୟା ଯେପରି ନ ଉପୁଜେ, ବିଦ୍ୟୁତ୍ ବିଭ୍ରାଟ ନ ହୁଏ, ପଶୁପକ୍ଷୀମାନଙ୍କ ଯତ୍ନ ନେବା, ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ରାଜ୍ୟ ସରକାରଙ୍କ ଗାଇଡ୍ ଲାଇନ ଅନୁଯାୟୀ ସକାଳ ସମୟରେ ଖୋଲିବା, ଜୀବନ ରକ୍ଷକ ଔଷଧ ମହଜୁଦ ରଖିବା, ଶ୍ରମିକମାନଙ୍କ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ସମୟ ସାରଣୀ ପରିବର୍ତ୍ତନ କରିବା, ଜୀବଜନ୍ତୁଙ୍କ ସୁରକ୍ଷା, ଜଙ୍ଗଲ ସୁରକ୍ଷା ଉପରେ ଦୃଷ୍ଟି ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷମାନଙ୍କୁ କୁହାଯାଇଛି।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବାର୍ଷିକ ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ଅତିଥି।

ଛତ୍ରପୁର, ୧।୩ (ଦିଲ୍ଲୀପ ସାମଲ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପୁରୁଣାପାଟଣା ଶାଖାର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଲକ୍ଷ୍ମଣ ଭବନଠାରେ ପି.ନାରାୟଣ ରେଡ୍ଡୀଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀକୁ ଜିଲ୍ଲା ସହ-ସମ୍ପାଦକ ନୀଳକଣ୍ଠ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ମାରଣା ନୀତିକୁ କଡ଼ା ସମାଲୋଚନା କରିଥିଲେ। ଏହି ଅବସରରେ ଦଳୀୟ ପତାକାକୁ ଜିଲା କାର୍ଯ୍ୟକାରୀ କମିଟି ସଭ୍ୟ ରାଜୀବ ଲୋଚନ ପଣ୍ଡା ଉତ୍ତୋଳନ କରିଥିଲେ। ପ୍ରାରମ୍ଭିକ ସୂଚନା ପ୍ରଶାନ୍ତ ପଣ୍ଡା ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଛତ୍ରପୁର ଜୋନାଲ ସମ୍ପାଦକ ଡି.ଆଦିନାରାୟଣ ରେଡ୍ଡୀ, ଚମାଖଣ୍ଡି ଜୋନାଲ ସମ୍ପାଦକ ସିଏଚ. ଜନାର୍ଦ୍ଦନ ରେଡ୍ଡୀ, ନାରୀନେତ୍ରୀ ଏନ.ଭାନୁମତି ରେଡ୍ଡୀ, ଏନ.ସୁକାନ୍ତ ଆଚାରୀ, ନବୀନ ଗୌଡ଼, କୃଷ୍ଣ ଚନ୍ଦ୍ର ରାଉଳ, ଟି.ନାରାୟଣ ରେଡ୍ଡୀଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ମାନେ ଯୋଗଦେଥିଲେ। ଆଗାମୀ ଦିନରେ କ୍ଷେତ ମଜଦୂର, ଚାଷୀ ଓ ଶ୍ରମିକଙ୍କ ସମସ୍ୟା ନେଇ ଆନ୍ଦୋଳନ କରିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଏହା ସହିତ ପୁରୁଣା ପାଟଣା ଶାଖାର ନୂତନ ସମ୍ପାଦକ ଭାବେ ନବୀନ ଗୌଡ଼ ଓ ସହ-ସମ୍ପାଦକ ଭାବେ ଟି.ନାରାୟଣ ରେଡ୍ଡୀଙ୍କୁ ମନୋନୀତ କରାଯାଇଛି।

# ଜାଗା ନ ଥିବାରୁ ଆଗେଇ ପାରୁନି ବସଷ୍ଟାଣ୍ଡ ନିର୍ମାଣ କାମ

ଜି.ଉଦୟଗିରି, ୧।୩(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ସହରବାସୀ ଦୀର୍ଘ ବର୍ଷ ହେବ ଏକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି କରି ଆସୁଥିଲେ। ଏକ ବର୍ଷ ପୂର୍ବେ ଆମ ବସଷ୍ଟାଣ୍ଡ ପାଇଁ ୯କୋଟି ୯୩ଲକ୍ଷ ୩୪ ଟଙ୍କା ମଞ୍ଜୁର ହୋଇଥିଲା ଏବଂ ପୂର୍ବରୁ ଏନ୍‌ଏସି ଦ୍ୱାରା ବସଷ୍ଟାଣ୍ଡ ପାଇଁ ଚିହ୍ନଟ ହୋଇଥିବା ସ୍ଥାନରେ ହିଁ ନିର୍ମାଣ କାର୍ଯ୍ୟ ଚାଲିଲା। ଏହି କାର୍ଯ୍ୟକୁ ନିର୍ବାହ କରିବା ପାଇଁ ପୋଲିସ ହାଉସିଂ କର୍ପୋରେସନ ଏକ ଏଜେନ୍ସି ଦ୍ୱାରା କାମ ଆରମ୍ଭ କରିଛି। କିନ୍ତୁ ବର୍ତ୍ତମାନ ବସଷ୍ଟାଣ୍ଡ ପାଇଁ ଜାଗା ନିଅଣ୍ଟ ପଡ଼ିବା ଯୋଗୁ ବସ ଟର୍ମିନାଲ, ଅଟୋ ଷ୍ଟାଣ୍ଡ ପ୍ରଭୃତି ପାଇଁ ଜାଗା ପାଇବ ନାହିଁ ବୋଲି ଜଣା ପଡ଼ିଛି। ତେଣୁ ପରିବହନ ବିଭାଗ ପୁଣିଥରେ ଜି.ଉଦୟଗିରି ତହସିଲଦାରଙ୍କୁ ଅଧିକ ଜାଗା ପାଇଁ ଆବେଦନ କରିଥିଲେ। ତହସିଲଦାର ପାଇଁ ସୁପାରିସ କରି ଡିଭିଜନାଲ ଟ୍ରାନ୍ସଫର୍ମର ମ୍ୟାନେଜରଙ୍କ



ଜି.ଉଦୟଗିରିଠାରେ ନିର୍ମାଣାଧୀନ ଆମ ବସ୍‌ଷ୍ଟାଣ୍ଡ ।

ନିକଟକୁ ପଠାଇଥିଲେ। ଡିଟିଏମ୍ ମଧ୍ୟ ସେଇ ସୁପାରିଶ ପତ୍ର ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ନିକଟକୁ ପଠାଇଥିଲେ। ହେଲେ ଆଜି ସୁଦ୍ଧା ଅଧିକ ଜାଗା ମିଳି ନ ଥିବାରୁ ଏକ ଭଲ ବସ ଟର୍ମିନାଲ ସହ ବସଷ୍ଟାଣ୍ଡ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଆବଶ୍ୟକ ଜମି ପ୍ରଦାନ କରି ଏକ ଉନ୍ନତ ଧରଣର ବସଷ୍ଟାଣ୍ଡ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ଜି.ଉଦୟଗିରି ଘରୋଇ ମଟୋର କର୍ମଚାରୀ ସଂଘର ସାଧାରଣର ସମ୍ପାଦକ ଅନୀଲ କୁମ୍ୱାର ଦଳ ବେହେରା ବସ୍ ଷ୍ଟାଣ୍ଡ ନିମନ୍ତେ ଆବଶ୍ୟକୀୟ ଜାଗା ପ୍ରଦାନ କରି ଅତିଶୀଘ୍ର ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରିବାକୁ କହିଛନ୍ତି।

## କେପିଟିରେ ଭଗବତ ସ୍ୱାମୀଙ୍କ ମନ୍ଦିର ପ୍ରତିଷ୍ଠା

ଭଞ୍ଜନଗର, ୧।୩(ବାବୁଲା ପ୍ରଧାନ)

ଜଗନ୍ନାଥପ୍ରସାଦ ବ୍ଲକ କେପିଟିରେ ଶ୍ରୀ ଶ୍ରୀ ଭଗବତ ସ୍ୱାମୀଙ୍କ ମନ୍ଦିର ପ୍ରତିଷ୍ଠା ଏବଂ ଭଗବତ ଗାଦି ସ୍ଥାପନ ସହ ଘୃତଯଜ୍ଞ, ଅନ୍ନଯଜ୍ଞ ଏବଂ ଚବିଶି ପ୍ରହର ନାମ ଯଜ୍ଞ ଚାଲିଛି। ଗତ ୨୭ ତାରିଖରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ୩ ତାରିଖରେ ଉଦ୍‌ଯାପିତ ହେବ। ଦଦରାଖୋଲ, ଜିଲିବା, ଖମାରପଲ୍ଲି, ଚାରିକୋନିଆ, କେପିଟି ନାମଯଜ୍ଞ ଦଳ ନାମ ପରିବେଷଣ କରୁଛନ୍ତି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଶୁକ୍ରବାର ରାତିରେ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ଠାକୁର ଦର୍ଶନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ବିନୟ ନାୟକ ଏବଂ ସଙ୍ଗୀତା କୁମାରୀ ନାୟକ ଦାୟିତ୍ୱ ତୁଲାଉଛନ୍ତି।

## ଜାତୀୟ ବିଜ୍ଞାନ ଦିବସ ପାଳିତ

ରମ୍ଭା, ୧।୩(ବନବାସୀ ସେଠୀ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ପଞ୍ଚାୟତ ରଘୁନାଥପୁର ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ହୁମ୍ମା ବୀରଭଦ୍ର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ମହାପାତ୍ର ଯୋଗଦେଇଥିଲେ। ସେ କହିଥିଲେ, ଆଜିର କୃତ୍ରିମ ବୁଦ୍ଧିମତା: ସମ୍ଭାବନା ଓ ଚିନ୍ତା ବିଷୟରେ ଟିଭି ପରଦା ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ନୂତନ ଜ୍ଞାନ କୌଶଳର ପରିଚୟ ପ୍ରଦାନ କରିବା ସହ ରୋବଟ ମାଧ୍ୟମରେ କିପରି ଆବଶ୍ୟକ ସମସ୍ତ କାର୍ଯ୍ୟ ସମ୍ପାଦନ ଅତି ସହଜରେ ହାସଲ କରିହେବ ପିଲାମାନଙ୍କୁ ପ୍ରଶ୍ନ ଉତ୍ତର ମାଧ୍ୟମରେ ସଚେତନ କରାଇଥିଲେ। ବିଦ୍ୟାଳୟ ସଭାପତି ବିଜୟ ବିଶ୍ୱାଳ ଯୋଗ ଦେଇ ମନ ଭିତରେ ଜିଜ୍ଞାସା ଭାବ ରଖିଲେ କିପରି ବୈଜ୍ଞାନିକ ହୁଅନ୍ତି ତାହା ଅବଗତ କରାଇଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ପଣ୍ଡା ସମୁଦ୍ର ଜଳ କାହିଁକି ନୀଳ ରଙ୍ଗ ଦେଖାଯାଏ ସେହି ଜିଜ୍ଞାସାରୁ ଚନ୍ଦ୍ରଶେଖର ଭେଙ୍କଟ ରମଣ କିପରି ବିଶ୍ୱର ସର୍ବଶ୍ରେଷ୍ଠ ବୈଜ୍ଞାନିକ ହୋଇପାରିଲେ ତାହା ବୁଝାଇଥିଲେ। ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଣ୍ଡା ଧନ୍ୟବା ଦେଇଥିଲେ। ଇତିଶ୍ରୀ ସାହୁ, ବୈଷ୍ଣବୀ ନାହାକ, ଆସ୍ଥା ମିଶ୍ର, ପ୍ରିୟାଂଶୁ ନାହାକ ଓ ସୋମ୍ୟରଞ୍ଜନ ପଲାଇ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ ଚକଲଗା ଚୌକି ଦିବସ

ଛତ୍ରପୁର, ୧।୩(ସନ୍ତୋଷ ପାଢ଼ୀ/ ଦିଲ୍ଲୀପ ସାମଲ):

ଛତ୍ରପୁର ବ୍ଲକ୍ ଭିକରିପଲ୍ଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ସମୀୟାପଲି ଗ୍ରାମ ସ୍ଥିତ ସମର୍ଥ ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ଆବାସିକ ବିଦ୍ୟାଳୟରେ ଗଞ୍ଜାମ ଜିଲା ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଚକଲଗା ଚୌକି ଦିବସ ପାଳିତ ହୋଇଯାଇଛି। ମହାସଂଘର ସାଧାରଣ ସମ୍ପାଦକ ଡକ୍ତର କେ.ଆନନ୍ଦ ରାଓଙ୍କ ଅଧ୍ୟକ୍ଷତାରେ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡାକ୍ତର ଅଜୟ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ହ୍ୱିଲ ଚେୟାର ଟିଏ ଭିନ୍ନକ୍ଷମ ଲୋକମାନଙ୍କ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଜୀବନ ବଞ୍ଚିବାର ଆଶା ବାଡ଼ି ଭଳି କାମ କରେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣ ଚନ୍ଦ୍ର ବେହେରା ଯୋଗଦେଇ ଭିନ୍ନକ୍ଷମ ଲୋକଙ୍କ ପ୍ରତି ଥିବା ବିଭିନ୍ନ ସରକାରୀ ଯୋଜନା ଗୁଡ଼ିକ ଉପରେ ଉପସ୍ଥିତ ଭିନ୍ନକ୍ଷମ ଲୋକଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ସମର୍ଥ ଆବାସିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶଙ୍କର ମହାନ୍ତି ଯୋଗଦେଇ ଭିନ୍ନକ୍ଷମଙ୍କ ବିଭିନ୍ନ ସମସ୍ୟା ଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ପୂର୍ବରୁ କରାଯାଇଥିବା ଚକଲଗ ଚୋକି ଦୌଡ଼ ପ୍ରତିଯୋଗିତା ତଥା ଚିତ୍ରାଙ୍କନ୍ ଓ ସଙ୍ଗୀତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଭିନ୍ନକ୍ଷମ ଲୋକଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମହେନ୍ଦ୍ର ଶତପଥୀ, ଏସ୍ ରଜେଶ୍ୱରୀ ରେଡ୍ଡୀ, ରୀନା ସାହୁ ଓ ରିନା ସ୍ୱାଇଁ ସହଯୋଗ କରିଥିଲେ।



ଜଣେ ଭିନ୍ନକ୍ଷମଙ୍କୁ ଚକଲଗା ଗାଡ଼ି ପ୍ରଦାନ କରାଯାଉଛି ।

## କିଶୋରୀ ମେଳା

ଆସିକା, ୧।୩ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଶନିବାର ଆସିକା ବ୍ଲକର ଖାରିଆ, ପାଣ୍ଡିଆପଥର, ଗୁଣ୍ଡପଡ଼ା ଓ ଖଣ୍ଡଦେଉଳି ସେକ୍ଟରରେ କିଶୋରୀ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫ରୁ ୧୯ ବର୍ଷ ବୟସ୍କ କିଶୋରୀ ଅଂଶଗ୍ରହଣ କରିଥିଲେ। ମେଳାରେ କିଶୋରୀଙ୍କ ଉଚ୍ଚତା, ଓଜନ, ରକ୍ତ ପରୀକ୍ଷା, ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। କିଶୋରୀମାନେ ପୃଷ୍ଟିକର ଖାଦ୍ୟକୁ ଖାଇବା ସହ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଧ୍ୟାନ ଦେବା ଲାଗି ପରାମର୍ଶ ଦିଆଯାଇଥିଲା। ଆସିକା ସିଡିପିଓ ଇନ୍ଦିରା ମହାପାତ୍ର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ମେଳାକୁ ପରିଦର୍ଶନ କରିଥିବା ବେଳେ ଖାରିଆ କାର୍ଯ୍ୟକ୍ରମରେ ପଞ୍ଚାୟତର ସରପଞ୍ଚ ଜୟନ୍ତି ସାହୁ, ସମିତିସଭ୍ୟା ସୌଦାମିନୀ ନାହାକ, ଖଣ୍ଡଦେଉଳି ଠାରେ ସରପଞ୍ଚ ଆରତୀ ଦେବୀ, ସମିତିସଭ୍ୟା ସାୟଙ୍କା କୁମାରୀ ଦଳାଇ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କଣ୍ଢେଇ ନାଚରେ ଏଡ୍‌ସ ସଚେତନତା



କଣ୍ଢେଇ ନାଚ ମାଧ୍ୟମରେ ସଚେତନତା ବାଣ୍ଟୁଛନ୍ତି କଳାକାରମାନେ।

ମୋହନା, ୧।୩(ମନ୍ମଥ ମିଶ୍ର)

ମୋହନା ମୁଖ୍ୟ ବଜାରରେ ଏଡ଼ସ ରୋଗ ସମ୍ପର୍କରେ କଣ୍ଢେଇ ନାଚ ମାଧ୍ୟମରେ ଶୁକ୍ରବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅପରାହ୍ନ ୩ଟାରେ ମୋହନା ମୁଖ୍ୟ ବଜାର ଥାନା ସମ୍ମୁଖରେ ଏଡ଼ସ, ଯକ୍ଷ୍ମା , ଯୌନ ରୋଗ ଓ ସୁରକ୍ଷିତ ମାତୃତ୍ୱ ନେଇ କଣ୍ଢେଇ ନାଚ ମାଧ୍ୟମରେ ସଚେତନ କରାଯାଇଥିଲା। ଏଚଆଇଭି ବା ଏଡ୍‌ସ ସଂକ୍ରମିତ ବ୍ୟକ୍ତି ସହିତ ଅବାଧ ଯୌନ ସମ୍ପର୍କ, ସଂକ୍ରମିତ ରକ୍ତ ଗ୍ରହଣ, ବିଶୋଧିତ ହୋଇ ନ ଥିବା ସିରିଞ୍ଜ ଦ୍ୱାରା ଏଜେକ୍ସନ ନେବା ଆଦି କାରଣରୁ ଏହି ରୋଗ ସୁସ୍ଥ ଲୋକ ଶରୀରକୁ ବ୍ୟାପିଥାଏ। ସଂକ୍ରମିତ ମା'ଠାରୁ ଗର୍ଭରେ ଥିବା ଶିଶୁକୁ ମଧ୍ୟ ଏହି ରୋଗ ବ୍ୟାପେ। ରୋଗର ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ନିକଟରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ସିତ ହେବା ପାଇଁ କଣ୍ଢେଇ ନାଚ ମାଧ୍ୟମରେ ଅବଗତ କରାଯାଇଥିଲା। ସେହିପରି ଯକ୍ଷ୍ମା ସାଧାରଣତଃ ଫୁସଫୁସକୁ ଆକ୍ରମଣ କଲେ ମଧ ଶରୀରର ଯେ କୌଣସି ଅଙ୍ଗରେ ଏହାଦ୍ୱାରା ପ୍ରଭାବିତ ହୋଇଥାଏ। ଅଧିକାଂଶ ସଂକ୍ରମଣରେ କୌଣସି ଲକ୍ଷଣ ହେଉ ନ ଥିବାରୁ ତାହାକୁ ପ୍ରଚ୍ଛନ୍ନ ଯକ୍ଷ୍ମା କୁହାଯାଏ। ସୂଚନାଯୋଗ୍ୟ, ଯୌନ ରୋଗ ୨୦ ପ୍ରକାରରୁ ଅଧିକ ଦେଖିବାକୁ ମିଳିଥାଏ । ସେଥି ମଧ୍ୟରୁ ଗନେରିଆ, ଲିମ୍ଫୋଗ୍ରାନୁଲୋମା ଭେନେରିୟମ, ସିଫିଲସ, ଭାଜିନାଇଟିସ, ସାନକ୍ରଏଡ, କୁଷ୍ଠିଆ, ହର୍ପସ, ପେଡିକୁଲୋସିସ କ୍ଲାମାଇଡିଆ, ଏଡସ ଭଳି ରୋଗ ହୋଇଥାଏ।

# ସ୍ୱର୍ଗତ ଦିବାକର ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ

ଚିକିଟି, ୧।୩(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟିଗଡ଼ସ୍ଥିତ ବାଲାଜୀ ଠାକୁର ଅବସରପ୍ରାପ୍ତ କର୍ମଚାରି ସଂଘ କାର୍ଯ୍ୟାଳୟ ପରିସରରେ ତ୍ୟାଗବୀର ଜନନେତା, ନେତାଜୀ ସୁବାଷଙ୍କ ଘନିଷ୍ଠ ତଥା ଚିକିଟି ମାଟିର ସୁଯୋଗ୍ୟ ସନ୍ତାନ ଦିବାକର ପଟ୍ଟନାୟକଙ୍କ ୪୯ ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଫରୱାର୍ଡ଼ ବ୍ଲକ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ମାନସ କସ୍ତୁରୀ ଗଣେଶ ପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଫରୱାର୍ଡ଼ ବ୍ଲକ ରାଜ୍ୟନେତା, ସ୍ତମ୍ଭକାର, ଖବରଦାତା ବିଘ୍ନେଶ୍ୱର ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହରିଶ୍ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଫରୱାର୍ଡ଼ ବ୍ଲକ ଗଞ୍ଜାମ ଜିଲା ସଭାପତି ବିଭୂଧେନ୍ଦ୍ର ପାଢ଼ୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ ପାଢ଼ୀ ମଞ୍ଚାସିନ ଥିଲେ। ଲୋକଙ୍କ କଥା ଓ ଅଞ୍ଚଳର ବିକାଶ କଥା ଚିନ୍ତା କରୁଥିବା ଜଣେ ଉଚ୍ଚଦର୍ଶୀ ନେତା ସ୍ୱର୍ଗତ ଦିବାକର ପଟ୍ଟନାୟକ ଆଜି ବି ଲୋକଙ୍କ ହୃଦୟରେ ଜୀବିତ ରହିବା ଏବଂ ଗଞ୍ଜାମ ମାଟି ପାଇଁ ଅବଦାନ ଅତୁଳନୀୟ ହେତୁ ସହ ତାଙ୍କ ଜନ୍ମମାଟି ଚିକିଟିରେ ତାଙ୍କର ସମସ୍ତ ସ୍ମୃତିକୁ ନେଇ ଏକ ଲିଖିତ ଲିପିବଦ୍ଧ ପୁସ୍ତକ ପ୍ରକାଶନ ସହ ତାଙ୍କର ପ୍ରତିମୂର୍ତ୍ତି ନିର୍ମାଣ ନେଇ ମଞ୍ଚସୀନ ଅତିଥି ମତପ୍ରକାଶ କରିଥିଲେ। ସ୍ୱର୍ଗତ ଦିବାକର ପଟ୍ଟନାୟକଙ୍କ ପୁତୁରା ବିଜୟ ପଟ୍ଟନାୟକ, ବି. ଧର୍ମା ରାଓ, ସମାଜସେବୀ ଅରୁଣ ଦାଶ, ଅବସରପ୍ରାପ୍ତ ଶିକ୍ଷକ ଦୁର୍ଗାମାଧବ ମହାରଣା, ଲଳିତ ପଟ୍ଟନାୟକ, ଅନନ୍ତରାମ ପାଣିଗ୍ରାହୀ ସମତେ ଅଞ୍ଚଳର ବହୁ ବରିଷ୍ଠ ବ୍ୟକ୍ତି ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# କାଳିଆବାଲି-ଆଇଆରଇଏଲ ପ୍ଲାଣ୍ଟ ରାସ୍ତା ମରଣଯନ୍ତା

## ଠିକାଦାର-ଯନ୍ତ୍ରୀଙ୍କ ସଲାସୁତରାରେ କାର୍ଯ୍ୟ ହେଉଥିବା ଅଭିଯୋଗ

ଛତ୍ରପୁର, ୧।୩(ସନ୍ତୋଷ ପାଢ଼ୀ)

ଛତ୍ରପୁର ବ୍ଲକ୍ ଶ୍ରୀରାମପୁର ପଞ୍ଚାୟତ କାଳିଆବାଲିଠାରୁ ଆଇଆରଇଏଲ ପ୍ଲାଣ୍ଟ ପର୍ଯ୍ୟନ୍ତ ଥିବା ମୁଖ୍ୟ ରାସ୍ତା ଏକପ୍ରକାର ମରଣଯନ୍ତା ପାଲଟିଛି। ରାସ୍ତା ସାରା ଖାଲଖମା ରହିଛି ତ ଆଉ କେଉଁଠି ଚିପ୍‌ସ ଉଠି ବିପଦପୂର୍ଣ୍ଣ ହୋଇପଡ଼ିଛି। ଠିକାଦାରଙ୍କ ମନଇଚ୍ଛା କାର୍ଯ୍ୟ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। କାଳିଆବାଲି-ଆଇଆରଇଏଲ ପ୍ଲାଣ୍ଟ ରାସ୍ତା ନିର୍ମାଣ କାମ ସର ନ ଥିବା ନେଇ ଶ୍ରୀରାମପୁର ସମିତିସଭ୍ୟ ଏସ୍. ଚକ୍ରପାଣି ରେଡ୍ଡୀ ପ୍ରଶାସନକୁ ସମାଲୋଚନା କରିଛନ୍ତି। ଯନ୍ତ୍ରୀ କେବେ ବି ରାସ୍ତା କାମ ଦେଖିବାକୁ ଯାଆନ୍ତି ନାହିଁ ଏବଂ ତଳ କର୍ମଚାରୀଙ୍କୁ ପଠାଇ ଠିକାଦାର ଯାହା ମାପଚୁପ କରିଦିଏ ଅଫିସରେ ଯନ୍ତ୍ରୀ ବସି ବିଲ କରିଦେଉଥିବା ରେଡ୍ଡୀ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ରାସ୍ତା କାମ ଚାଲିଥିଲେ ମଧ୍ୟ ଏହା ସରୁନି। ଠିକାଦାର ଧରାଛୁଆଁ ଦେଉନଥିବା ବିଭାଗୀୟ ଯନ୍ତ୍ରୀ କହୁଛନ୍ତି।

ଉକ୍ତ ରାସ୍ତାରେ କେନ୍ଦ୍ରୀୟ ବିଦ୍ୟାଳୟ ଓ ହାଇସ୍କୁଲ ରହିଥିବାରୁ ପ୍ରତ୍ୟେହ ଶତାଧିକ ଛାତ୍ରୀଛାତ୍ର ଯାତାୟାତ କରନ୍ତି। ଗୋପାଳପୁର ପୋର୍ଟ ଓ ଆଇଆରଇଏଲ କମ୍ପାନୀ କୁ ମଧ ଶତାଧିକ ମାଲ ବୋଝେଇ ଗାଡି ଯାତାୟାତ କରୁଥିବାରୁ ରାସ୍ତା ଅବସ୍ଥା ଦିନକୁ ଦିନ ଆହୁରି ଶୋଚନୀୟ ହୋଇପଡୁଛି। ସେହିପରି ପୋଟଲାମପୁର ପଞ୍ଚାୟତର ମେଡିକାଲ ଛକଠାରୁ ବଡ଼ ଡେରାସାହି ଭାୟା ପିଡବ୍ଲ୍ୟୁଡ଼ି ରାସ୍ତା କାମ ଚାଲିଛି। ମନଇଚ୍ଛା ଏଷ୍ଟିମେଟ କରି ରାସ୍ତା ବଦଳରେ ଗାର୍ଡୱାଲ ନିର୍ମାଣ କରି ଅନୁଦାନ ଟଙ୍କା ଖର୍ଚ୍ଚ କରିବାକୁ ମସୁଧା ହେଉଥିବା ସମିତିସଭ୍ୟ ଶମ୍ଭୁନାଥ ସ୍ୱାଇଁ ଅଭିଯୋଗ କରିଛନ୍ତି। ଏନେଇ ଯନ୍ତ୍ରୀଙ୍କୁ ପଞ୍ଚାୟତ ସମିତି ବୈଠକରେଜଣାଇଛୁ। ଯଦି ଏହି ସମସ୍ୟା ସମାଧାନ ନ ହୁଏ ତେବେ ରାସ୍ତାକୁ ଓଲ୍ଲାଇବୁ ବୋଲି ସେ କହିଛନ୍ତି। ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ କହିଛନ୍ତି, ଠିକାଦାର -ଯନ୍ତ୍ରୀ ସଲାସୁତରାର ଏହା ପ୍ରତିଫଳନ। ସୂଚାଯୋଗ୍ୟ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ଗତଥର ତାଗିଦ ପରେ ଶୁକ୍ରବାର ଅନୁଷ୍ଠିତ ଛତ୍ରପୁର ପଞ୍ଚାୟତ ସମିତି ବୈଠକ ରେ ପିଡବ୍ଲୁଡି ଯନ୍ତ୍ରୀ ଉପସ୍ଥିତ ଥିଲେ। ଦୀର୍ଘ ୩ ବର୍ଷ ପରେ ସେ ଏହି ବୈଠକରେ ଯୋଗ ଦେଇଥିବା ଜଣାପଡ଼ିଛି।

# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ କିଶୋରୀ ମେଳା

ବ୍ରହ୍ମପୁର,୧।୩(ସ୍ମୃତି ରଞ୍ଜନ ମହାଲିକ)

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବ୍ରହ୍ମପୁର-୧ ପକ୍ଷରୁ ଶନିବାର ଅଶୋକ ନଗର ୨ୟ ଲେନଠାରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏମସି ଡେପୁଟି ମେୟର ବିବେକ ରେଡ଼ି, ମୁଖ୍ୟବକ୍ତା ରୂପେ ସିଡିପିଓ ଗୀତାରାଣୀ ରାଉଳ, ସମ୍ମାନିତ ଅତିଥି ରୂପେ କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା, ଯୁବ ସମାଜସେବୀ ଅମିତ ଦାସ, ୱାନ ଷ୍ଟେପ ସେଣ୍ଟର ଆଡମିନ ମହେଶ୍ୱତା ପାଢ଼ି, ସୁପରଭାଇଜର ପ୍ରେମାବତି ଦାସ ଓ ଆଇଏସଆରଡିର ଗୋପାଳ କୃଷ୍ଣ ଦଳ ବେହେରା ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟ କର୍ମୀ ଗୀତାଞ୍ଜଳୀ ଡାକୁଆ, ଆଶା କର୍ମୀ ଏନ ଶୈଳଜା ପାତ୍ର, ଅଙ୍ଗନୱାଡି କର୍ମୀ ମିତାଞ୍ଜଳୀ ଶତପଥୀ, ସସ୍ମିତା ପାଢ଼ି, ଏ ଗାୟତ୍ରୀ ନାଇଡୁ ଓ ପ୍ରିୟଙ୍କା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କିଶୋରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଜଳସଂକଟ ଦୂର ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ

ବ୍ରହ୍ମପୁର,୧।୩(ଅଶୋକ କୁମାର ସାହୁ)


ଲାଠି ଗ୍ରାମରେ ଥିବା ଓଭରହେଡ ଟାଙ୍କି।

ଖରାର ପ୍ରକୋପ ଦିନକୁ ଦିନ ବଢ଼ିବାରେ ଲାଗିଛି। କୂଅ ପୋଖରୀ ଶୁଖି ଆସୁଥିବାବେଳେ ଭୂତଳ ଜଳସ୍ତର ବି କମି କମି ଯାଉଛି। ଗତବର୍ଷ ଭଳି ଚଳିତବର୍ଷ ବିଶେଷ କରି ଗ୍ରାମାଞ୍ଚଳରେ ଜଳସଂକଟ ଦେଖାଦେବ ବୋଲି ବିଶେଷଜ୍ଞମାନଙ୍କ ମତରୁ ଜଣାପଡିଛି। ଏଭଳି ସ୍ଥିତିରେ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣକୁ ତ୍ୱରାନ୍ୱିତ କରିବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରହିଛି ବୋଲି ବିଭାଗୀୟ ସୂଚନାରୁ ଜଣାପଡିଛି। ବ୍ରହ୍ମପୁର ଡିଭିଜନ ଅଧୀନରେ ୩ ଉପଖଣ୍ଡର ୧୧ ବ୍ଲକ ରହିଛି। ୨୫୦ ପଞ୍ଚାୟତର ୧୩୮୭ ଗାଁକୁ ଜଳ ଜୀବନ ମିଶନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ବିଭିନ୍ନ ମାଧ୍ୟମରେ ପାନୀୟ ଜଳ ଯୋଗାଣ କରାଯାଉଛି। ହିଞ୍ଜିଳି ଉପଖଣ୍ଡର ଶେରଗଡ, ହିଞ୍ଜିଳି, କୁକୁଡାଖଣ୍ଡି, ଛତ୍ରପୁର ଉପଖଣ୍ଡର ଛତ୍ରପୁର, ଖଲ୍ଲିକୋଟ, ଗଞ୍ଜାମ ଓ ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର ଉପଖଣ୍ଡର ପାତ୍ରପୁର, ଚିକିଟି, ଦିଗପହଣ୍ଡି, ସାନଖେମୁଣ୍ଡିର ପ୍ରାୟ ୯୫୩ ଗାଁକୁ ଅନବରତ ଜଳ ଯୋଗାଣ କରାଯାଉଛି। ତେବେ ଏଥି ମଧ୍ୟରୁ ୪୭୧ ଗାଁକୁ ଏସ୍‌ଭିଏସ୍ (ସିଙ୍ଗଲ ଭିଲେଜ ସ୍କିମ) ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ୨୦୨୦ରୁ ୨୦୨୫ ପର୍ଯ୍ୟନ୍ତ କାମ ଚାଲିଛି। ସମସ୍ତ କାର୍ଯ୍ୟ ସରିଥିବାବେଳେ କେବଳ ୨୨ଗାଁ ବାକି ରହିଛି। ଉକ୍ତ ଗ୍ରାମଗୁଡିକୁ ମାର୍ଚ୍ଚ ୩୧ ସୁଦ୍ଧା ପାଣି ଯୋଗାଣ ହୋଇଯିବ ବୋଲି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ବିକାଶ ପତି କହିଛନ୍ତି। ସେହିପରି ବଳାକା ୪୩୪ ଗାଁକୁ ମେଗା ପାନୀୟ ଜଳ ଯୋଗାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ସେଠାକାର ଜଳ ସଙ୍କଟକୁ ଦୂର ପାଇଁ ଚେଷ୍ଟା କରାଯାଉଛି। ଏଥି ସହିତ ଦୁର୍ଗମ ଅଞ୍ଚଳରେ ୨୯୬ ସୋଲାର ପ୍ରକଳ୍ପ ସ୍ଥାପନ କରାଯାଇଛି। ଖାଲି ସେତିକି ନୁହେଁ ପର୍ଯ୍ୟାପ୍ତ ନଳକୂଅ ମଧ୍ୟ ଖୋଳାଯାଇଛି। ଯେଉଁ ନଳକୂପ ଅଚଳ ହେଉଛି ତାକୁ ତତକ୍ଷଣାତ ପଞ୍ଚାୟତ ସହ ସମ୍ପର୍କ ରକ୍ଷା କରି ମରାମତି କରାଯାଉଛି। ଗତବର୍ଷ କୁକୁଡାଖଣ୍ଡି ବ୍ଲକରେ ମୋଟର ପୋଡିଯିବା ଯୋଗୁ ପାନୀୟ ଜଳ ମିଳିନଥିଲା। ଲୋକଙ୍କ ବିକ୍ଷୋଭ ଭଳି ପରିସ୍ଥିତି ଉପୁଜିଥିଲା। ସେହିପରି ଦିଗପହଣ୍ଡିରେ ମଧ୍ୟ ସେହି ଏକା ଅବସ୍ଥା ଉପୁଜିଥିଲା। ହିଞ୍ଜିଳିକାଟୁରେ ଅନେକ ଟାଙ୍କିରୁ ଅନବରତ ପାଣି ଗଳୁଥିବା ଖବର ମିଳିଛି। ବିଭିନ୍ନ ଗାଁ ପରିଦର୍ଶନ କରାଯାଇ ଟାଙ୍କି ସହିତ ଷ୍ଟାଣ୍ଡ ପୋଷ୍ଟଗୁଡିକ ମରାମତି କରାଯାଇଛି। ଆବଶ୍ୟକ ପଡିଲେ ଟ୍ୟାଙ୍କର ଯୋଗେ ଗାଁ ଗାଁରେ ପାଣି ଦେବାକୁ ନିଷ୍ପତ୍ତି ହୋଇଛି। ଏ ସଂକ୍ରାନ୍ତରେ ଅଧୀକ୍ଷଣ ଯନ୍ତ୍ରୀ କହିଛନ୍ତି ଯେ, ତାଙ୍କ ବିଭାଗ ପକ୍ଷରୁ ଗତବର୍ଷର ସମସ୍ୟା ପୁନରାବୃତ୍ତି ନ ହେବା ପାଇଁ ସତର୍କ ଦୃଷ୍ଟି ରଖାଯାଇଛି। ପାଣିର ଅପଚୟ ଯେଭଳି ହେବନି ଓ ସମସ୍ତେ ଯେମିତି ପାଣି ପାଇବେ ସେଥିପ୍ରତି ଉଦ୍ୟମ ଜାରି ରହିଛି ବୋଲି ସେ କହିଥିଲେ।

# ରେଳଧାରଣାରୁ ୨ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର, ୧।୩(ସୁବାସ ଚନ୍ଦ୍ର ପାଢ଼ୀ): ସରକାରୀ ରେଳବାଇ ପୋଲିସ (ଜିଆରପି) ଦିନକରେ ରେଳଧାରଣରୁ ଶନିବାର ୨ ଯୁବକଙ୍କ ମୃତଦେହ ଜବତ କରିଛି। ଜଣଙ୍କର ପରିଚୟ ମିଳିଛି। ଅନ୍ୟ ଜଣଙ୍କର ମିଳିନି। ସେମାନଙ୍କ ମଧ୍ୟରୁ ଜଣେ ଟ୍ରେନ ଆଗକୁ ଆସି ଆତ୍ମହତ୍ୟା କରିଥିବା ବେଳେ ଅନ୍ୟ ଜଣେ ଟ୍ରେନରୁ ଖସିପଡିବା ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି। ଏସଂକ୍ରାନ୍ତରେ ୨ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପରିଚୟ ମିଳିନଥିବା ଯୁବକଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ୪ ଦିନ ପାଇଁ ସଂରକ୍ଷିତ ରଖାଯାଇଥିବା ପୋଲିସ କହିଛି। ଶନିବାର ସକାଳ ୮ ଟା ବେଳେ ବୈଦ୍ୟନାଥପୁର ଥାନା ଆଙ୍କୁଲି ଓଭରବ୍ରିଜ ନିକଟ ରେଳଧାରଣରେ ଜଣେ ଯୁବକଙ୍କ ମୃତଦେହ ପଡିଥିଲା। ତାଙ୍କ ବୟସ ୨୦ରୁ ୨୫ ବର୍ଷ ହୋଇଥିବା ଅନୁମାନ କରାଯାଉଛି। ପ୍ରାଥମିକ ତଦନ୍ତ ବେଳେ ଉକ୍ତ ଯୁବକ ଜଣଙ୍କ ଶୁକ୍ରବାର ରାତ୍ର କୌଣସି ଚଳନ୍ତା ଟ୍ରେନରୁ ଖସି ପଡିବା ଫଳରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ପୋଲିସ ଏନେଇ ନଂ.୧୬/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି ଗୋଳନ୍ଥରା ଥାନା ସୁରଳ ରୋଡ ନିକଟ ରେଳଧାରଣରୁ ଜବତ ମୃତଦେହର ପରିଚୟ ଜଣାପଡିଛି। ସେ ହେଲେ ପାଟପୁର ଥାନା ହିନ୍ଦଳପଲିର ବସନ୍ତ ନାୟକ(୨୩)। ତଦନ୍ତ ବେଳେ ସେ ଓ ତାଙ୍କ ଦାଦା ପୁଅ ଭାଇ ବାପୀନି ନାୟକ ଲୁହା ବେଲ୍ଡିଂ ଶିଖିବା ପାଇଁ ମାସକ ପୂର୍ବେ ଗିରିସୋଲାରେ ଥିବା ଏକ ଦୋକାନରେ ରହୁଥିଲେ। ଶିବରାତ୍ର ଛୁଟି ଥିବାରୁ ଉଭୟେ ମଙ୍ଗଳବାର ଗାଁକୁ ଯାଇଥିଲେ। ଶୁକ୍ରବାର ସେମାନେ ଗିରିସୋଲା ଫେରିଥିଲେ। ସନ୍ଧ୍ୟାରେ ବସନ୍ତ ବ୍ରହ୍ମପୁର ଯିବାକୁ ତାଙ୍କ ଭାଇ ବାପୁନିଙ୍କୁ କହି ଯାଇଥିଲା। ରାତ୍ର ସେ ଘରକୁ ଫେରିନଥିଲେ। ଫୋନ କଲେ ଉଠାଇନଥିଲେ। ସକାଳେ ରେଳଧାରଣରେ ମୃତଦେହ ପଡିଥିବା ଖବର ପାଇ ସେଠାରେ ବାପୁନି ପହଞ୍ଚି ଭାଇର ମୃତଦେହ ଚିହ୍ନଟ କରିଥିଲେ ବୋଲି ପୋଲିସ କହିଛି। ଟ୍ରେନ ଆଗକୁ ଆସି ବସନ୍ତ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଏନେଇ ନଂ.୧୭/୨୫ ରେ ପୋଲିସ ଏକ ଅପମୃତ ମାମଲା ରୁଜୁ କରିଛି।

# ମନ୍ମଥ ପାଢ଼ୀ ଥିଲେ ଜଣେ ଦକ୍ଷ ସଙ୍ଗଠକ

ବ୍ରହ୍ମପୁର,୧।୩(ଅଶୋକ କୁମାର ସାହୁ)

ଗଞ୍ଜାମ କଳାପରିଷଦର ଆଜୀବନ ସଦସ୍ୟ ପୂର୍ବତନ ସମ୍ପାଦକ, ଉତ୍କଳ ସମ୍ମିଳନୀର ସମ୍ପାଦକ, ଅନେକ କଳା ସଂସ୍କୃତି ଓ ସାହିତ୍ୟ ଅନୁଷ୍ଠାନର ବିଭିନ୍ନ ପଦବୀରେ ରହି ଆସିଥିବା ମନ୍ମଥ ପାଢ଼ୀ ଜଣେ ଦକ୍ଷ ସଙ୍ଗଠକ ଥିଲେ ବୋଲି ଗଞ୍ଜାମ କଳା ପରିଷଦରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଛି। ସଭାପତି କେଦାର ଆପ୍ତା, ଉପସଭାପତି ସୂର୍ଯ୍ୟକାନ୍ତ ପାତ୍ର, ସାଧାରଣ ସମ୍ପାଦକ ଇଂ. ଅପୂର୍ବ ପଟ୍ଟନାୟକ, ମେଜର ରମା ରମଣ ପାଢ଼ୀ, ଦେବେନ୍ଦ୍ର ନନ୍ଦ, ସୁବୋଧ ପଟ୍ଟନାୟକ, ଉଷା ରାଣୀ ମହାପାତ୍ର, ନୀଳାଚଳ ବେହେରା, ବାସୁଦେବ ରଥ ସ୍ୱର୍ଗତ ପାଢ଼ୀଙ୍କ ସ୍ମୃତି ଚାରଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ମନୋଜ ଦଣ୍ଡପାଟ, ସମ୍ପାଦକ ଅଭୟେନ୍ଦୁ ଶେଖର ପଟ୍ଟନାୟକ, ନଳିନୀ ଗୌଡ଼, ତାପସ ପାଣିଗ୍ରାହୀ, ଗିରିଜା ଶଙ୍କର ଦାସ, କୋଷାଧ୍ୟକ୍ଷ ଗଗନ ଚାନ୍ଦ ପଟ୍ଟନାୟକ, ସତ୍ୟ ମହାରଣା, ଶାନ୍ତନୁ ମିଶ୍ର, ସୁବାସ ମହାରଣା, ଗୋକୁଳ ପଣ୍ଡା, ରଜନୀ ପାଢ଼ୀ, ନାରାୟଣ ନାହାକ ପ୍ରମୁଖ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ଦଳର ୟୁପି ଗସ୍ତ



ମ୍ୟାନେଜରଙ୍କ ସହ ଉତ୍ତରପ୍ରଦେଶ ଗସ୍ତ କରିବାକୁ ଥିବା ଦଳ।

ବ୍ରହ୍ମପୁର,ତା୧।୩(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏକ ୧୮ ଜଣିଆ ସାଂସ୍କୃତିକ ଦଳ ଶନିବାର ୟୁପି ଗସ୍ତ କରିଛନ୍ତି । ନୋଇଡାଠାରେ ଥିବା ଆମିଟି ବିଶ୍ୱବିଦ୍ୟାଳୟରେ ଆସନ୍ତା ୩ରୁ ୭ ତାରିଖ ପର୍ଯ୍ୟନ୍ତ ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ ହେବ। ସେଥିରେ ଏମାନେ ଯୋଗଦେବେ ବୋଲି ଜଣାପଡିଛି। ଗତ ଜାନୁୟାରୀ ମାସରେ ଆୟୋଜିତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହୋତ୍ସବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦଳଗତ ଆଦିବାସୀ ନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ମହୋତ୍ସବକୁ ଚୟନ ହୋଇଥିଲେ। ବାଲିଗୁଡାର ଆଦିବାସୀ କଲେଜ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ ତରଫରୁ ଦଳଗତ ନୃତ୍ୟରେ ଥିବାବେଳେ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ଅନିଶା ଦେବୀ ମେହେନ୍ଦିରେ ପ୍ରତିଦ୍ୱନ୍ଦୀଭାବେ ଯୋଗ ଦେଉଛନ୍ତି। ଏଥିରେ ଟିମ୍ ମ୍ୟାନେଜର ଭାବେ ଡ. ମିହିର କୁମାର ତ୍ରିପାଠୀ ଏବଂ ଶୁଭସ୍ମିତା ସାହୁ ଯୋଗ ଦେଉଛନ୍ତି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ କୁଳସଚିବ ସଚ୍ଚିଦାନନ୍ଦ ନାୟକ, ଯୁଗ୍ମ କୁଳସଚିବ ଡ ବାବୁଜି ସାମଲ, ଛାତ୍ର ସହ କୁଳସଚିବ ଡ ସରୋଜ କୁମାର ଦାଶ ଏବଂ ସାଂସ୍କୃତିକ ସଂଯୋଜିକା ଡ. ସରିତା ଦାଶ ପ୍ରମୁଖ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# କିଶୋରୀ ମେଳା କାର୍ଯ୍ୟକ୍ରମ

ଚିକିଟି,୧।୩(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ୍ ଅନ୍ତର୍ଗତ ନୂଆପଡା ଗ୍ରାମର ନୂଆପଡା ସେକ୍ଟରରେ ଶନିବାର କିଶୋରୀ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚିକିଟି ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ମହିଳା ଓ କିଶୋରୀ ବାଳିକା ମାନଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା ଓ ବାଲ୍ୟ ବିବାହ ବିଷୟରେ ଆଲୋଚନା କରିବା କରିଥିଲେ। ସମ୍ମାନିତ ଅତିଥିଭାବେ ନୂଆପଡ଼ା ଗ୍ରାମପଞ୍ଚାୟତ ସରପଞ୍ଚ ବି ସନମୁଖ, ଅଞ୍ଚଳ ପରଦର୍ଶିକା ଟି.ସରୋଜିନୀ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କିଶୋରୀ ମାନଙ୍କ ଓଜନ ଉଚ୍ଚତା ମପାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏଏନଏମ, ଆଶା, ଅଙ୍ଗନୱାଡି କର୍ମୀ, ଯାଞ୍ଚ କମିଟି ଓ ମାତୃ କମିଟି ଉପସ୍ଥିତ ଥିଲେ।

# ଜାତୀୟ ବିଜ୍ଞାନ ଦିବସ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ବ୍ରହ୍ମପୁର,୧।୩(ସ୍ମୃତି ରଞ୍ଜନ ମହାଲିକ)

ରାମହରିନଗରର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତ୍ୟୁଷ କୁମାର ଦାଶ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଦୈନନ୍ଦିନ ଜୀବନରେ ବିଜ୍ଞାନ ଉପଯୋଗିତା ସମ୍ବନ୍ଧରେ ବିଦ୍ୟାର୍ଥୀ ସମାଜକୁ ସେ ମାର୍ଗ ଦର୍ଶନ କରିଥିଲେ। ପ୍ରଧାନଚାର୍ଯ୍ୟ ପ୍ରସାଦ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ଅଶୋକ କୁମାର ମହାପାତ୍ର ପରିଚାଳନା କରିଥିଲେ। ସହ ପ୍ରଧାନଚାର୍ଯ୍ୟ ସଞ୍ଜୟ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ୬ଷ୍ଠ ଶ୍ରେଣୀ ଛାତ୍ର ପ୍ରତୀକ କୁମାର ସ୍ୱାଇଁ ସଂଯୋଜନା କରିଥିଲେ।

# ଶିଶୁଙ୍କ ପ୍ରତିଭାକୁ ମାର୍ଗଦର୍ଶନ କରାଇଥିଲେ ଭେଙ୍କଟରମଣ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବ୍ରହ୍ମପୁର,୧।୩(ସ୍ମୃତି ରଞ୍ଜନ ମହାଲିକ)- ଗଜପତି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି। ବିଦ୍ୟାଳୟର ସଭାପତି ସୂର୍ଯ୍ୟକାନ୍ତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ପ୍ରବୀଣ ପାତ୍ର ଯୋଗ ଦେଇ ବୈଜ୍ଞାନିକ ଭେଙ୍କଟ ରମଣଙ୍କ ଜୀବନରେ ତାଙ୍କର ଆଦର୍ଶ ଓ ଗବେଷଣା କାର୍ଯ୍ୟରେ ଶିଶୁଙ୍କ ପ୍ରତିଭାକୁ ମାର୍ଗ ଦର୍ଶନ କରିଥିଲେ ବୋଲି କହିଥିଲେ। ପ୍ରଧାନଚାର୍ଯ୍ୟ ଶରତ ଚନ୍ଦ୍ର ମୂନୀ ଅତିଥି ପରିଚୟ ଦେଇଥିଲେ। ସମ୍ମାନନୀୟ ଅତିଥି ରୂପେ ପୂର୍ବତନ ସଭାପତି ରାମ ପ୍ରସାଦ ପଟ୍ଟନାୟକ ବିକଶିତ ଭାରତ ନେଇ ଆଲୋକପାତ କରିଥିଲେ। ବିଦ୍ୟାଳୟର ଉପସଭାପତି ନରେଶ ଚନ୍ଦ୍ର ପଟ୍ଟନାୟକ ଓ କୋଷାଧ୍ୟକ୍ଷ କବିରାଜ ସାହୁ ଯୋଗ ଦେଇଥିଲେ। ବରିଷ୍ଠ ଆଚାର୍ଯ୍ୟା ଇନ୍ଦିରା ମିଶ୍ର ପରିଚାଳନା କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ଅରୁଣ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଗୋସାଣି ନୂଆଗାଁ ଶିଶୁ ମନ୍ଦିରରେ ବିଜ୍ଞାନ ଦିବସ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବ୍ରହ୍ମପୁର,୧।୩(ସ୍ମୃତି ରଞ୍ଜନ ମହାଲିକ)

ଗୋସାଣୀ ନୂଆ ଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ପ୍ରଦୀପ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ସଂପାଦକ ପ୍ରକାଶ ଚନ୍ଦ୍ର ପାତ୍ର ଶିଶୁଙ୍କୁ ଦୁର୍ଲଙ୍ଘ୍ୟ ପ୍ରାଚୀର ଲଂଘନ କରିବାର ଉପାଦେୟତା ସଂପର୍କରେ କହିଥିଲେ। ପ୍ରଧାନଚାର୍ଯ୍ୟ ନାରାୟଣ ପଣ୍ଡା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ। ସହ ପ୍ରଧାନଚାର୍ଯ୍ୟ ପତିତପାବନ ଶତପଥୀ ଅତିଥି ପରିଚୟ ଦେଇଥିଲେ। ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଲିଙ୍ଗରାଜ ଜେନା ମୁଖ୍ୟଅତିଥି ରୂପେ ଯୋଗ ଦେଇ ବିଜ୍ଞାନର ଅପୂର୍ବ ବରଦାନ କିଭଳି ଗଭୀର ସାଗର ଗର୍ଭରୁ ମୁକ୍ତାର ସନ୍ଧାନ କରିପାରିଛି ସେ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ବିଜ୍ଞାନ ପ୍ରମୁଖ ଅସୀମ କୁମାର ବେବର୍ତ୍ତା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଜ୍ଞାନ ଶିକ୍ଷକ ସରୋଜ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଠକେଇ ଅଭିଯୁକ୍ତଙ୍କୁ ମୁମ୍ବାଇରୁ ବାନ୍ଧିଲା ପୋଲିସ

## ଟ୍ରାଞ୍ଜିଟ ରିମାଣ୍ଡରେ ଆଣି କଲା କୋର୍ଟରେ ହାଜର

ବ୍ରହ୍ମପୁର,୧।୩(ସୁବାସ ଚନ୍ଦ୍ର ପାଢ଼ୀ)

ଏକ ପ୍ଲଟ ବିକ୍ରି ନାଁରେ ୩୨ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୁକ୍ତଙ୍କୁ ମହାରାଷ୍ଟ୍ରର ମୁମ୍ବାଇରୁ ବଡବଜାର ପୋଲିସ ବାନ୍ଧିଥିଲା। ସେ ହେଲେ ଡୁଡୁମା କଲୋନୀ କାଲୁଆନଗରର ରଜନୀକାନ୍ତ ବିଷୋୟୀ ଓରଫ ମିଟୁ(୩୧)। ସ୍ଥାନୀୟ କୋର୍ଟରେ ହାଜର କରି ତିନି ଦିନିଆ ରିମାଣ୍ଡରେ ବ୍ରହ୍ମପୁର ଆଣିଥିଲା ପୋଲିସ। ଶନିବାର ଅଭିଯୁକ୍ତଙ୍କୁ ଏସଡ଼ିଜେଏମ କୋର୍ଟରେ ହାଜର କରିଥିଲା। ପରେ ତାଙ୍କୁ କୋର୍ଟ ନିର୍ଦ୍ଦେଶ କ୍ରମେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶ୍ରୀରାମନଗରର ଆଦର୍ଶମାର୍ଗର ସମୀର ପାତ୍ର ଆଜକୁ କିଛି ବର୍ଷ ହେବ ପ୍ଲଟ ବ୍ୟବସାୟ କରୁଛନ୍ତି। ସମୀରଙ୍କ ସହ ମିଶି ମିଟୁ ମଧ୍ୟ ପ୍ଲଟ ବ୍ୟବସାୟ କରୁଥିଲେ। ଗତବର୍ଷ ସେପ୍ଟେମ୍ବର ମାସରେ ମିଟୁ ଏକ ପ୍ଲଟ କିଣାଇଦେବାକୁ କହି ସମୀରଙ୍କ ଠାରୁ ଅଗ୍ରୀମ ଭାବେ ୧୧ ଲକ୍ଷ ୮୬ ହଜାର ଟଙ୍କା ନେଇଥିଲେ ।ଏହାର କିଛି ଦିନ ପରେ ସମୀରଙ୍କ ଏକ ଘର ବିକ୍ରି କରାଯାଇଥିବାରୁ ତାଙ୍କୁ ୨୦ ଲକ୍ଷ ଟଙ୍କା ମିଳିଥିଲା । ଟଙ୍କା ମିଳିଥିବା ଜାଣି ଅଭିଯୁକ୍ତ ମିଟୁ ତୁରନ୍ତ ସମୀରଙ୍କ ନିକଟରେ ପହଞ୍ଚି ଉପରୋକ୍ତ ପ୍ଲଟ ପଞ୍ଜିକରଣ କରିଦେବ ବୋଲି କହି ୨୦ ଲକ୍ଷ ଟଙ୍କା ନେଇ ଯାଇଥିଲା । ସେହିକ୍ରମରେ ସେ ମୋଟ ୩୧ ଲକ୍ଷ ୮୬ ହଜାର ଟଙ୍କା ସମୀରଙ୍କ ଠାରୁ ନେଇଥିଲା । ପ୍ରତିଶ୍ରୁତି ମୁତାବକ ଏହା ପରଦିନ ସକାଳୁ ସମୀର ମିଟୁଙ୍କ ଘରକୁ ପ୍ଲଟ ପଞ୍ଜିକରଣ ପାଇଁ ଡାକିବାକୁ ଯାଇଥିଲେ । ଏହି ସମୟରେ ମିଟୁ ଘରେ ନଥିଲେ । ସମୀର ତାଙ୍କୁ ଫୋନ କରିଥିଲେ ମଧ୍ୟ ତାହା ସୁଇଚ ଅଫ ରହିଥିଲା । ଏକାଧିକ ଦିନ ଖୋଜାଖୋଜି ପରେ ମଧ୍ୟ ମିଟୁଙ୍କ ପତ୍ତା ମିଳିନଥିଲା । ସମୀରଙ୍କ ଠାରୁ ଟଙ୍କା ନେବା ପରେ ମିଟୁ ମହାରାଷ୍ଟ୍ରର ଚାଲି ଯାଇଥିବା ଜଣାପଡିଥିଲା । ଏ ନେଇ ସମୀର ବଡବଜାର ଥାନାରେ ଅଭିଯୋଗ କରିଥିଲେ। ବଡବଜାର ପୋଲିସ ନଂ.୩୩୫/୨୪ ରେ ଏକ ମାମଲା ରୁଜୁ କରିଥିଲା ।ମିଟୁର ମୋବାଇଲ ଟ୍ରାକିଂ ବେଳେ ସେ ମହାରାଷ୍ଟ୍ରରେ ଥିବା ଜଣାପଡିବା ପରେ ବଡବଜାର ଥାନା ପୋଲିସ ସେଠାକୁ ଯାଇ ମିଟୁଙ୍କୁ କାବୁ କରିଥିଲା । ଅଭିଯୁକ୍ତ ମିଟୁଙ୍କୁ ସେଠାକାର ସ୍ଥାନୀୟ କୋର୍ଟରେ ହାଜର କରିବା ପରେ ୩ ଦିନିଆ ଟ୍ରାଞ୍ଜିଟ ରିମାଣ୍ଡରେ ବ୍ରହ୍ମପୁର ଆଣିଥିଲା । ଅଭିଯୁକ୍ତଙ୍କୁ ପୋଲିସ ଥାନାରେ ଠକେଇ ସମ୍ପର୍କରେ ପଚରାଉଚରା କରିବା ପରେ ବ୍ରହ୍ମପୁର ଏସଡ଼ିଜେଏମ କୋର୍ଟରେ ହାଜର କରିଥିଲା।

# ଆଇଓ ଦେଲେନି, ୧୦ ଦିନ ଭିତରେ ଇଞ୍ଜୁରି ରିପୋର୍ଟ ଦେବାକୁ ଏସ୍‌ପିଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ବ୍ରହ୍ମପୁର, ୧।୩(ସୁବାସ ଚନ୍ଦ୍ର ପାଢ଼ୀ)

ଗତବର୍ଷ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ଶଶୁର ଘର ପରିବାର ଛତରୁ ଠେଲି ଦେଇଥିଲେ। ଉକ୍ତ ମାମଲାର ଅଭିଯୁକ୍ତ ମାନେ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତମାନଙ୍କୁ ବ୍ରହ୍ମପୁର ଏସଡ଼ିଜେଏମଙ୍କ କୋର୍ଟରେ ଆତ୍ମସମର୍ପଣ କରି ଜାମିନ ପାଇବା ପାଇଁ ଦରଖାସ୍ତ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାମଲାର ଇଞ୍ଜୁରୀ ରିପୋର୍ଟ ଯାଞ୍ଚ କରି ମୁଦାଲାଙ୍କୁ ଜାମିନଦେବାକୁ ନିର୍ଦ୍ଦେଶରେ ଉଲ୍ଲେଖ ଥିଲା। ଗତ ଜାନୁଆରୀ ୨ରେ ଅଭିଯୁକ୍ତମାନେ ଓକିଲଙ୍କ ଜରିଆରେ ବ୍ରହ୍ମପୁର ଏସଡ଼ିଜେଏମ କୋର୍ଟରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିବା କାଗଜପତ୍ର ଦାଖଲ କରିଥିଲେ। ମାଜିଷ୍ଟ୍ରେଟ ଉକ୍ତ ମାମଲାର ତଦନ୍ତ ଅଧିକାରୀ(ଆଇ ଓ)ଙ୍କୁ ଜାନୁଆରୀ ୭ରେ ଇଞ୍ଜୁରୀ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୌଣସି କାରଣ ଦର୍ଶାଇ ସେ ତାହାର ଉତ୍ତର ରଖିନଥିଲେ। ପରେ ମାଜିଷ୍ଟ୍ରେଟ ଜାନୁଆରୀ ୧୬ ଓ ୧୮ ଏଭଳି ପୃଥକ ଦୁଇଟି ତାରିଖରେ କୋର୍ଟରେ ହାଜର ହେବାକୁ ବାରମ୍ବାର ଚିଠି କରିଥିଲେ ମଧ୍ୟ ଆଇଓ ହାଜର ନହୋଇ କୋର୍ଟ ନିର୍ଦ୍ଦେଶକୁ ଅବମାନନା କରିଥିଲେ। ମୁଦାଲା ମାନେ ଓକିଲଙ୍କ ଜରିଆରେ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଗତ ୧୮ରେ ଦେଇଥିବା ନିର୍ଦ୍ଦେଶର ପ୍ରମାଣିତ ନକଲ ପାଇବାର ଦଶ ଦିନ ଭିତରେ ଉକ୍ତ ମାମଲାର ଇଞ୍ଜୁରୀ ରିପୋର୍ଟ ଏସଡ଼ିଜେଏମଙ୍କ କୋର୍ଟରେ ଦାଖଲ କରିବାକୁ ବ୍ରହ୍ମପୁର ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଅଭିଯୁକ୍ତଙ୍କ ଓକିଲ ସୁରେନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ବଡ଼ବଜାର ଥାନା ପ୍ରହ୍ଲାଦ ନଗରର ଟି. ପାୟଲ ପାତ୍ର ୨୦୨୪ ନଭେମ୍ବର ୧୮ରେ ଦଶପଲ୍ଲାର ସୁଜିତ କୁମାର ପୃଷ୍ଟିଙ୍କୁ ବିବାହ କରିଥିଲେ। ସେମାନଙ୍କ ବିବାହ ବୈଦ୍ୟନାଥପୁର ଥାନା ସୁବାରଓ ଛକ ଜଗନ୍ନାଥ ମନ୍ଦିରରେ ହୋଇଥିଲା। ପରେ ଶଶୁର ଘର ଲୋକ ଅଧିକ ଯୌତୁକ ଦାବି କରି ତାଙ୍କୁ ନିର୍ଯାତନା ଦେଉଥିଲେ। ୨୦୨୪ ଡିସେମ୍ବର ୭ ତାରିଖରେ ତାଙ୍କ ସ୍ୱାମୀ ଶାଶୁ , ଶଶୁର , ମାମୁଁ ଶଶୁର ଓ ମାଉସୀ ଶାଶୁ ତାଙ୍କୁ ଛାତରୁ ଠେଲି ହତ୍ୟା ଉଦ୍ୟମ କରିଥିଲେ। ତାଙ୍କ ପେଟରେ ଗଭୀର ଆଘାତ ଲାଗିଥିଲା । ପରେ ସେ ବ୍ରହ୍ମପୁର ଆସି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ବୋଲି ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏନେଇ ମହିଳା ଥାନା ପୋଲିସ ନଂ. ୨୨୦/୨୪ରେ ଏକ ମାମଲା ରୁଜୁ କରିଥିଲା।

# କୃଷିର ଅଭିବୃଦ୍ଧି ଉପରେ ବିଧାୟକଙ୍କ ଗୁରୁତ୍ୱ

ବ୍ରହ୍ମପୁର,୧।୩(ଅଶୋକ କୁମାର ସାହୁ)


ଅତିଥିମାନେ କାର୍ଯ୍ୟକ୍ରମକୁ ଉଦଘାଟନ କରୁଛନ୍ତି।

ବ୍ରହ୍ମପୁରସ୍ଥିତ ୟୁସିପି ଇଂଜିନୟରିଂ ସ୍କୁଲ ପଡିଆଠାରେ ଶନିବାର ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଓ ଜିଲ୍ଲା କୃଷି ମହୋତ୍ସବ ଆରମ୍ଭ ହୋଇଛି। ଉକ୍ତ ମହୋତ୍ସବକୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଓ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଉଦ୍‌ଘାଟନ କରିଥିଲେ। ଚିକିଟି ବିଧାୟକ କହିଥିଲେ ଯେ, କୃଷି ଅଧିକାରୀ ଓ କୃଷକମାନଙ୍କ ମଧ୍ୟରେ ସମନ୍ୱୟ ରହିବା ଉଚିତ। ଏଭଳି ହେଲେ କୃଷିର ଅଭିବୃଦ୍ଧି ହୋଇପାରିବ। ଏହା ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ଛତ୍ରପୁର ବିଧାୟକ ଚାଷୀମାନେ କିଭଳି ରିହାତିରେ ସମସ୍ତ ଯନ୍ତ୍ରପାତି ପାଇପାରିବେ ସେନେଇ ଗୁରୁତ୍ୱାରୋପ କରିଥିଲେ। ଏହି କୃଷି ମେଳା ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲାର ସମସ୍ତ ବ୍ଲକ ସହ ଗଜପତି, କନ୍ଧମାଳ, ନୟାଗଡ ଓ ବୌଦ୍ଧ ଜିଲାରୁ ପ୍ରାୟ ୫ ହଜାର ଚାଷୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ମେଳାରେ ୧୨୦ ଷ୍ଟଲ ଖୋଲା ଯାଇଛି। ସେଥିରେ ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶିତ ହେବା ସହ ଚାଷୀଙ୍କୁ ରିହାତିରେ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ମିଲେଟ ମିଶନର ପ୍ରଚାର ଓ ପ୍ରସାର ପାଇଁ ମଧ୍ୟ ଷ୍ଟଲ ଖୋଲାଯାଇଛି। କୃଷି ବୈଜ୍ଞାନିକ ଓ ଅଧିକାରୀଙ୍କ ଦ୍ୱାରା କୃଷକ ମାନଙ୍କୁ ତାଲିମ ଦେବାକୁ ସେମିନାର ହଲର ବ୍ୟବସ୍ଥା କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଜିଲା କୃଷି ଅଧିକାରୀ ରବି ନାରାୟଣ ପଣ୍ଡା, ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଡ. କନ୍ଧଜେନା, ବରିଷ୍ଠ କୃଷି ବୈଜ୍ଞାନିକ ଡ. ସୁଜିତ କୁମାର ନାଥ,ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ମହାପାତ୍ର, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ପଟ୍ଟନାୟକ, କୃଷି ଜିଲା ଅଧିକାରୀ କୁଳମଣି ବାରିକ ଓ ସୁରେଶ ଚନ୍ଦ୍ର ମଲ୍ଲିକ ମଞ୍ଚାସୀନ ଥିଲେ।

